e-mail- tahasildarrajnagar@gmail.com
Ph- 06729-242422

# ତହସିଲ କାର୍ଯ୍ୟାଳୟ, ରାଜନଗର, ଜି-କେନ୍ଦ୍ରାପଡା

ବିଜ୍ଞାପନ ସଂ 2397 ତା . 3.7.2018

## ମତ୍ସ୍ୟଦିଆ, ଘାଟ ଓ ହାଟ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ତ ରାଜନଗର ତହସିଲ ଅନ୍ତର୍ଗତ ୨୩ (ତେଇଶି) ଗୋଟି ମତ୍ସ୍ୟଦିଆ , ୨(ଦୁଇ) ଗୋଟି ନଦୀଘାଟ, ୩ (ତିନି) ଗୋଟି ହାଟ, ସୈରାତ ଉତ୍ସ ଗୁଡିକୁ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ତା୧୧.୭.୨୦୧୮ ରିଖରେ ରାଜନଗର ତହସିଲ କାର୍ଯ୍ୟାଳୟରେ ପ୍ରକାଶ୍ୟ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ, ଅନୁଷ୍ଠାନ ଉକ୍ତ କାର୍ଯ୍ୟ ଦିବସ ପ୍ରତ୍ୟେଖ ଭାବେ ଦିବା ୯ ଘଟିକା ସମୟରେ କାର୍ଯ୍ୟାଳୟରେ ଉପସ୍ଥିତ ରହି ନିଲାମ ଉତ୍ସ ଗୁଡିକ ପାଇଁ ସ୍ଥିରିକୃତ ଅମାନତ ଟଙ୍କା ଦାଖଲ କରି ନିଲାମରେ ଭାଗ ନେଇ ପାରିବେ । ସର୍ବୋଚ୍ଚ ନିଲାମ ଡାକ କରିଥିବା ବ୍ୟକ୍ତି/ଅନୁଷ୍ଠାନକୁ ନଗଦ ନିଲାମ ମୂଲ୍ୟ ୨୫% ଭାଗ ସଙ୍ଗେ ସଙ୍ଗେ ପୈଠ କରିବେ ନଚେତ୍ ଅନ୍ୟ ମାନଙ୍କୁ ଅଗ୍ରାଧିକାର ଦିଆଯିବ ଓ ତାଙ୍କର ଅମାନତ ଟଙ୍କାକୁ ବ୍ୟାଯ୍ୟାପ୍ତି କରାଯିବ । ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ଇଚ୍ଛୁକ ତଡାଙ୍କର ନିଜର ପରିଚୟ ପତ୍ର ସଙ୍ଗରେ ଆଣିବା ହେବେ । ଯେଉଁ ସଇରାତ ଉତ୍ସ ଗୁଡିକ ପ୍ରଥମ ତାରିଖ ତା୧୧.୭.୨୦୧୮ରିଖରେ କୌଣସି କାରଣରୁ ହୋଇପାରିବ ନାହିଁ ତାହାକୁ ଦ୍ୱିତୀୟ ପର୍ଯ୍ୟାୟରେ ତା୧୮.୭.୨୦୧୮ଓ ଆବଶ୍ୟକ ପଡିଲେ ତୃତୀୟ ପର୍ଯ୍ୟାୟରେ ତା୨୫.୭.୨୦୧୮ରିଖରେ ନିମ୍ନ ସ୍ୱାକ୍ଷର କାରୀଙ୍କ କାର୍ଯ୍ୟାଳୟରେ ନିଲାମ କରାଯିବ । କ ର୍ତୃପକ୍ଷ କୌଣସି କାରଣ ନଦର୍ଶାଇ ସଂପୂର୍ଣ୍ଣ / ଆଂଶିକ ନିଲାମକୁ ବାତିଲ / ଖାରଜ କିମ୍ବା ସ୍ଥଗିତ କରି ପାରିବେ । ନିଲାମ ଉତ୍ସ ଗୁଡିକର ସବିଶେଷ ତଥ୍ୟ ଯଥା : ଅବସ୍ଥିତି , କ୍ଷେତ୍ରଫଳ, ସରକାରୀ ଧାର୍ଯ୍ୟ ମୂଲ୍ୟ, ଅମାନତ ରାଶି ଓ ସର୍ତ୍ତାବଳି ଓ ଅନ୍ୟାନ୍ୟ ତଥ୍ୟ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟର ବିଜ୍ଞାପନ ଫଳକରୁ କିମ୍ବା ଜିଲ୍ଲା Website www.kendrapara.nic.in ରେ ସର୍ବ ସାଧାରଣଙ୍କ ପାଇଁ ଉପଲବ୍ଧ ଅଛି ।

ତହସିଲଦାର, ରାଜନଗର
କେନ୍ଦ୍ରାପଡା

**Memo No.** 2398 **/Dt.** 3.7.2018 .

Copy Submitted to Sub-Collector, Kendrapara for kind information and necessary action. He is requested to make it convenient to hold the auction proceeding on 11.7.2018 at 10.30 A.M. in respect of 14 nos. of Sairat Sources exceeding Rs. 10,000/- (Ten thousand) only upset price.

**Tahasildar, Rajnagar**

**Memo No.** 2399 **/Dt.** 3.7.2018 .

Copy to the Deputy Collector, Revenue, Collectorate, Kendrapara for information and necessary action.

**Tahasildar, Rajnagar**

**Memo No.** 2400 **/Dt.** 3.7.2018 .

Copy to the Deputy Director, (Advertisement) I & P.R. Department, Govt. of Odisha Bhubaneswar for information & necessary action with a request to publish the above auction sale notice in Odia daily news paper.

**Tahasildar, Rajnagar**

# ସୈରାତ ଉତ୍ସ ଗୁଡିକର ତାଲିକା

| କ୍ର.ନଂ | ସୈରାତ କେଶ ନଂ ବର୍ଷ | ସୈରାତର ନାମ | ନିଲାମର ସର୍ବନିମ୍ନ ମୂଲ୍ୟ | ଅମାନତ ଟଙ୍କାର ମୂଲ୍ୟ |
|---|---|---|---|---|
| ୧ | ୨ | ୩ | ୭ | ୮ |
| ୧ | ୩୫/୧୮-୧୯ | ଦାନ୍ତିଆପଦା କଂଟାଛକ ପୋଖରୀ | ଟ.୭୨୬.୦୦ | ଟ.୭୩.୦୦ |
| ୨ | ୨୨/୧୮-୧୯ | ଗହ୍ମାଶିଖର ପୋଖରୀ | ଟ.୭୮୭.୦୦ | ଟ.୭୯.୦୦ |
| ୩ | ୩୩/୧୮-୧୯ | ରବିନ୍ଦ୍ରପଲ୍ଲୀ ପୋଖରୀ | ଟ.୯୩୫.୦୦ | ଟ.୯୪.୦୦ |
| ୪ | ୩୪/୧୮-୧୯ | ରବିନ୍ଦ୍ରପଲ୍ଲୀ ଛକ ପୋଖରୀ | ଟ.୯୯୦.୦୦ | ଟ.୯୯.୦୦ |
| ୫ | ୧୧/୧୮-୧୯ | ବଡପଲ୍ଲୀ ହାଟ | ଟ.୧୩୨୦.୦୦ | ଟ.୧୩୩.୦୦ |
| ୬ | ୩୬/୧୮-୧୯ | ତେନ୍ତୁଳିଆକୋହ୍ଲା ପୋଖରୀ | ଟ.୧୨୧୦.୦୦ | ଟ.୧୨୧.୦୦ |
| ୭ | ୧୫/୧୮-୧୯ | କେରଡାଗଡ ମହାରୀସାହି ପୋଖରୀ | ଟ.୨୨୦୦.୦୦ | ଟ.୨୨୦.୦୦ |
| ୮ | ୩୨/୧୮-୧୯ | ଜୁନୁଷନଗର ପୋଖରୀ | ଟ.୨୪୨୦.୦୦ | ଟ.୨୪୨.୦୦ |
| ୯ | ୧୬/୧୮-୧୯ | ରାଜପୁର ଫେରି ଘାଟ | ଟ.୨୫୩୦.୦୦ | ଟ.୨୫୩.୦୦ |
| ୧୦ | ୧୩/୧୮-୧୯ | ବାରମାଣିଆ ଯୋର ମତ୍ସ୍ୟଦିଆ | ଟ.୩୮୫୦.୦୦ | ଟ.୩୮୫.୦୦ |
| ୧୧ | ୩୦/୧୮-୧୯ | କୃଷ୍ଣନଗର ହାଟଖୋଲା ପୋଖରୀ | ଟ.୪୯୫୦.୦୦ | ଟ.୪୯୫.୦୦ |
| ୧୨ | ୪୩/୧୮-୧୯ | ବେଲପାଳ ବ୍ରାହ୍ମଣୀ ଫେରିଘାଟ | ଟ.୫୨୬୪.୦୦ | ଟ.୫୨୭.୦୦ |
| ୧୩ | ୧୨/୧୮-୧୯ | ହାତୀନା ପୋଖରୀ | ଟ.୭୧୫୦.୦୦ | ଟ.୭୧୫.୦୦ |
| ୧୪ | ୪୨/୧୮-୧୯ | ଖମାରସାହି ହାଟ | ଟ.୯୯୦୦.୦୦ | ଟ.୯୯୦.୦୦ |
| ୧୫ | ୨୧/୧୮-୧୯ | ସଙ୍ଖମୁଣ୍ଡା ସୋଠ ମତ୍ସ୍ୟଦିଆ | ଟ.୧୦୪୫୦.୦୦ | ଟ.୧୦୪୫.୦୦ |
| ୧୬ | ୧୪/୧୮-୧୯ | ରାଜନଗର ତହସିଲ କଲୋନି ପୋଖରୀ | ଟ.୧୦୭୮୦.୦୦ | ଟ.୧୦୭୮.୦୦ |
| ୧୭ | ୨୬/୧୮-୧୯ | ଦିବାକରପୁର ଜେନା ଯୋର ମତ୍ସ୍ୟଦିଆ | ଟ.୭୧୫୦୦.୦୦ | ଟ.୭୧୫୦.୦୦ |
| ୧୮ | ୨୩/୧୮-୧୯ | ରାଜଗଡ ଠାରୁ ହଂସୁଆ ବ୍ରାହ୍ମଣୀ ନଦୀ ମତ୍ସ୍ୟଦିଆ | ଟ.୭୭୦୫୫.୦୦ | ଟ.୭୭୦୬.୦୦ |
| ୧୯ | ୨୭/୧୮-୧୯ | ମୂଷାଖିଆ ଯୋର ମତ୍ସ୍ୟଦିଆ ମୌଜା – ଚକମନପୁର | ଟ.୮୯୧୦୦.୦୦ | ଟ.୮୯୧୦.୦୦ |
| ୨୦ | ୨୯/୧୮-୧୯ | ଓଗଳାକ୍ଷଣ୍ଡ ଠାରୁ ଅର୍ଜୁନପୁର ଖୋଳାନଦୀ ମତ୍ସ୍ୟଦିଆ | ଟ.୧୫,୯୬୧.୦୦ | ଟ.୧୫୯୭.୦୦ |
| ୨୧ | ୨୦/୧୮-୧୯ | ଛମାଣିଆ ଗଣ୍ଡ ଗୋବିନ୍ଦପୁର ନୟନ ଯୋରି | ଟ.୧୮,୧୫୦.୦୦ | ଟ.୧୮୧୫.୦୦ |
| ୨୨ | ୨୫/୧୮-୧୯ | ମାଳିପରଡା ପଶ୍ଚିମଭେଡା ଖୋଳା ନଦୀ ମତ୍ସ୍ୟଦିଆ | ଟ.୩୩୮୮୦.୦୦ | ଟ.୩୩୮୮.୦୦ |
| ୨୩ | ୧୯/୧୮-୧୯ | ମହୁଆ ମଡୁଆ ଯୋର ମତ୍ସ୍ୟଦିଆ | ଟ.୧୧୧୧୦୦.୦୦ | ଟ.୧୧୧୧୦.୦୦ |
| ୨୪ | ୪୧/୧୮-୧୯ | ତାଳଚୁଆ ହାଟ | ଟ.୫୦୩୮୦.୦୦ | ଟ.୫୦୩୮.୦୦ |
| ୨୫ | ୨୪/୧୮-୧୯ | ଦକ୍ଷିଣ ଭେଡା ହଂସୁଆ ନଦୀ ମତ୍ସ୍ୟଦିଆ | ଟ.୧୨୧୦୦୦.୦୦ | ଟ.୧୨୧୦୦.୦୦ |
| ୨୬ | ୧୭/୧୮-୧୯ | ଜଗନ୍ନାଥପୁର ପୋଖରୀ | ଟ.୧,୨୬,୬୧୦.୦୦ | ଟ.୧୨,୬୬୧.୦୦ |
| ୨୭ | ୨୮/୧୮-୧୯ | ଜଳି ଯୋର ମତ୍ସ୍ୟଦିଆ | ଟ.୩,୪୬,୭୫୬.୦୦ | ଟ.୩୪୬୮୦.୦୦ |
| ୨୮ | ୧୮/୧୮-୧୯ | ରାଜପୁର ଘାଟ ଠାରୁ ଚନ୍ଦନପୁର ଘେରି ଯୋର ବେଲପାଳ ମାଟିଆ ବ୍ରାହ୍ମଣୀ ନଦୀ ମତ୍ସ୍ୟଦିଆ | ଟ.୩,୮୫,୦୦୦.୦୦ | ଟ.୩୮,୫୦୦.୦୦ |

# ସର୍ତ୍ତାବଳୀ

୧. ପୂର୍ବ ବର୍ଷ ମାନଙ୍କରେ ଯେ କୌଣସି ସୈରାତ ବାବଦରେ ଦେୟ ବାକି ରଖିଥିବା ବ୍ୟକ୍ତି ନିଲାମରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ ନାହିଁ ।

୨. ନିଲାମ ଡାକିବା ପୂର୍ବରୁ ସଂପୃକ୍ତ ସୈରାତର ଚଳିତ ବର୍ଷ ଜମାର ଏକ ଦଶମାଂଶ ଟଙ୍କା ଅମାନତ ରୂପେ ଦାଖଲ କରିବେ ଓ ନିଲାମ ଶେଷରେ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କ ଅମାନତ ଟଙ୍କା ବ୍ୟତିତ ଅନ୍ୟ ମାନଙ୍କ ଟଙ୍କା ଫେରସ୍ତ କରାଯିବ ।

୩. ସର୍ବୋଚ୍ଚ ନିଲାମ ଡାକ ଯୋଗ୍ୟ ବିବେଚିତ ବ୍ୟକ୍ତି ନିଲାମର ୨୫ ଭାଗ ଟଙ୍କା ସଙ୍ଗେ ସଙ୍ଗେ ପୈଠ କରିବେ ଓ ଅବଶିଷ୍ଟ ଟଙ୍କା ନିୟମ ମୁତାବକ ୩୦ ଦିନ ମଧ୍ୟରେ ପୈଠ କରି ସୈରାତଟିକୁ ନିଜେ ବ୍ୟବହାର କରିପାରିବେ ।

୪. ନିଲାମ ଗ୍ରହଣିୟ ହେଲେ ନିଲାମଧାରୀ ନିମ୍ନ ସ୍ୱାକ୍ଷର କାରୀଙ୍କ ଦ୍ୱାରା ବିଭିନ୍ନ ସର୍ତ୍ତାବଳୀରେ ଏକ ଚୁକ୍ତିନାମା କରିବେ ଓ ଏହାକୁ ନିଜ ଖର୍ଚ୍ଚରେ ଉପନିବନ୍ଧକ କାର୍ଯ୍ୟାଳୟରେ ପଞ୍ଜିକୃତ କରିବେ ।

୫. ଉକ୍ତ ନିଲାମ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ମଞ୍ଜୁର ନ ହେବା ପର୍ଯ୍ୟନ୍ତ ନିଲାମ ସିଦ୍ଧ ବୋଲି ଘୋଷଣା କରାଯିବ ନାହିଁ ।

୬. ନିଲାମ ଗ୍ରହିତା ତାଙ୍କ ମତ୍ସ୍ୟ ଦିଆରେ ମାଛ ଧରିବା ଆଳରେ ସରକାରୀ ସଂପତ୍ତିରେ ତଥା ସର୍ବସାଧାରଣଙ୍କ ସ୍ୱାର୍ଥରେ ବାଧା ଉପୁଜାଇ ପାରିବେ ନାହିଁ, ନଚେତ୍ ତାଙ୍କର ନିଲାମ ରଦ୍ଦ କରାଯିବ ।

୭. ଘାଟରେ ଚାଲୁଥିବା ଡଙ୍ଗା ଗୁଡିକ ସମସ୍ତ ପ୍ରକାର ବୋଟ ଚଳାଚଳ ନିୟମ ତଥା ନିରାପଦ ପରିଚାଳନା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବାଧ୍ୟତା ମୂଳକ ଅଟେ ।

୮. ସୈରାତ ଓ ହାଟ ଉପରେ ସ୍ଥାୟୀ ଘର କରି ପାରିବେ ନାହିଁ । ହାଟର ସ୍ୱାର୍ଥରେ ବାଧା ଉପୁଜିଲେ ନିଲାମ ରଦ୍ଦ କରାଯିବ ।

୧୦.ନିଲାମ ଦାତା କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରି ପାରିବେ/କିମ୍ବା ନୂତନ ସର୍ତ୍ତ ରଖି ପାରିବେ ।

ତହସିଲଦାର, ରାଜନଗର

ଏହାର ଏକକିତା ନକଲ ସଂପୃକ୍ତ ପୂର୍ବ ୩ ବର୍ଷ ନିଲାମଧାରୀଙ୍କ ଅବଗତି/ସଂପୃକ୍ତ ସୈରାତ ଗ୍ରାମ ପଞ୍ଚାୟତ / ରାଜନଗର ପଞ୍ଚାୟତ ସମିତି /ରାଜନଗର ଥାନା/ତହସିଲ ଅଧିନ ସମସ୍ତ ରାଜସ୍ୱ ନିରିକ୍ଷକ /ଉପ-ଜିଲ୍ଲାପାଳ କେନ୍ଦ୍ରାପଡାଙ୍କ କାର୍ଯ୍ୟାଳୟଙ୍କୁ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଲଟକାଇବା ପାଇଁ ପ୍ରେରଣ କରାଗଲା/ ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଲଟକାଗଲା ।

ତହସିଲଦାର, ରାଜନଗର